ତୃତୀୟ ଅଧ୍ୟାୟ

# ସମାସ

**୩.୧** (କ) ଯଶୋଦା **ପୁତ୍ର ନିମିତ୍ତ ଶୋକ**ରେ ଅଧୀର ହେଲେ ।

(ଖ) ଯଶୋଦା **ପୁତ୍ରଶୋକ**ରେ ଅଧୀର ହେଲେ ।

(ଗ) **ସୁନାରେ ତିଆରି ହାର** ଟି ଝିଅକୁ ଭାରି ମାନୁଛି ।

(ଘ) **ସୁନାହାର** ଟି ଝିଅକୁ ଭାରି ମାନୁଛି

(ଙ) **ଶୋକରୂପକ ଅଗ୍ନି** ମଣିଷ ଶରୀରକୁ କ୍ଷୀଣ କରିଦିଏ ।

(ଚ) **ଶୋକାଗ୍ନି** ମଣିଷ ଶରୀରକୁ କ୍ଷୀଣ କରିଦିଏ ।

(ଛ) **ଚକ୍ର ଅଛି ପାଣିରେ ଯାହାର;** ସେ ମହାଭାରତ ଯୁଦ୍ଧର କର୍ଣ୍ଣଧାର ଅଟନ୍ତି ।

(ଜ) **ଚକ୍ରପାଣି** ମହାଭାରତ ଯୁଦ୍ଧର କର୍ଣ୍ଣଧାର ଅଟନ୍ତି ।

ଆସ ଉପର ବାକ୍ୟ ଗୁଡ଼ିକୁ ଆଲୋଚନା କରିବା । ବର୍ତ୍ତମାନ ଲକ୍ଷ୍ୟକର – 'କ' ଓ 'ଖ' ବାକ୍ୟର ଅର୍ଥ ସମାନ ହେଉଛି । ସେହିପରି ଯଥାକ୍ରମେ 'ଗ ଓ ଘ', 'ଙ ଓ ଚ', 'ଛ ଓ ଜ' ବାକ୍ୟର ଅର୍ଥ ମଧ୍ୟ ସମାନ ହେଉଛି ।

'କ' ବାକ୍ୟରେ ଥିବା 'ପୁତ୍ର ନିମିତ୍ତ ଶୋକ' ପଦଗୁଡ଼ିକ ମିଶିଯାଇ 'ଖ' ବାକ୍ୟରେ 'ପୁତ୍ରଶୋକ' ପଦରେ ପରିଣତ ହୋଇଛି । ସେହିପରି 'ଗ' ବାକ୍ୟରେ ଥିବା "ସୁନାରେ ତିଆରି ହାର" ପଦଗୁଡ଼ିକ ମିଶିଯାଇ 'ଘ' ବାକ୍ୟରେ 'ସୁନାହାର', 'ଙ' ବାକ୍ୟର 'ଶୋକରୂପକ ଅଗ୍ନି' ପଦଗୁଡ଼ିକ ମିଶିଯାଇ 'ଚ' ବାକ୍ୟରେ 'ଶୋକାଗ୍ନି'ରେ ଓ 'ଛ' ବାକ୍ୟର 'ଚକ୍ର ଅଛି ପାଣିରେ ଯାହାର' 'ଜ' ବାକ୍ୟରେ 'ଚକ୍ରପାଣି'ରେ ପରିଣତ ହୋଇଛି ।

ଆମେ ଦେଖିଲେ ଯେ ବାକ୍ୟ ମଧ୍ୟରେ ପରସ୍ପର ସମ୍ପର୍କ ଥିବା ଏକାଧିକ ପଦକୁ ମିଶାଇ ଦେଇ ଏକପଦରେ ପରିଣତ କରାଯାଇ ପାରୁଛି । ଫଳରେ ବାକ୍ୟ ଛୋଟ ହୋଇପାରୁଛି ଓ ଶ୍ରୁତି ମଧୁର ହେଉଛି । ବ୍ୟାକରଣ ଶାସ୍ତ୍ରରେ ଏହି ପ୍ରକ୍ରିୟାକୁ 'ସମାସ' କୁହାଯାଏ । ଏଥିରୁ ଜଣାଗଲା ଯେ –

**ପରସ୍ପର ସମ୍ବନ୍ଧ ଥିବା ଦୁଇ ବା ତତୋଧିକ ପଦକୁ ଏକ ପଦରେ ପରିଣତ କରିବାର ନାମ ହେଉଛି ସମାସ ।**

ସମାସ ପ୍ରକ୍ରିୟାରେ ସମ୍ପର୍କିତ ହୋଇଥିବା ପଦଗୁଡ଼ିକ ହେଲେ ଯଥାକ୍ରମେ : ସମସ୍ତପଦ, ପୂର୍ବପଦ, ପରପଦ ବା ଉତ୍ତର ପଦ, ସମସ୍ୟମାନପଦ ଓ ବିଗ୍ରହବାକ୍ୟ ।

**ସମସ୍ତ ପଦ :-** ସମାସରେ ପଦଗୁଡ଼ିକ ମିଳିତ ହେବାପରେ ଯେଉଁ ପଦ ସୃଷ୍ଟିହୁଏ ତାହାକୁ 'ସମସ୍ତପଦ' କୁହାଯାଏ । ଅନ୍ୟ ଉପାୟରେ ଆମେ ମଧ୍ୟ କହି ପାରିବା - "ସମାସନିଷ୍ପନ୍ନ ପଦକୁ ସମସ୍ତପଦ କୁହାଯାଏ ।"

ସିଂହ ଚିହ୍ନିତ ଆସନ = ସିଂହାସନ । ଏଠାରେ "ସିଂହାସନ" ହେଉଛି 'ସମସ୍ତପଦ' । 'ସିଂହ' ହେଉଛି ପୂର୍ବପଦ ଓ 'ଆସନ' ହେଉଛି 'ପରପଦ' ବା 'ଉତ୍ତର ପଦ' ।

**ସମସ୍ୟମାନ ପଦ:-** "ସିଂହାସନ" ସମସ୍ତ ପଦରେ 'ସିଂହ' ଗୋଟିଏ ସମସ୍ୟମାନ ପଦ ଓ 'ଆସନ' ଆଉ ଏକ ସମସ୍ୟମାନ ପଦ । "ଯେଉଁପଦ ଗୁଡ଼ିକର ମିଶ୍ରଣରେ ସମସ୍ତ ପଦ ଗଠିତ ହୁଏ ସେହି ପଦଗୁଡ଼ିକ ଗୋଟିଏ ଗୋଟିଏ **"ସମସ୍ୟମାନ ପଦ" ।**

**ବିଗ୍ରହବାକ୍ୟ :-** ସମାସ ଅନ୍ତର୍ଗତ ପଦମାନଙ୍କର ପରସ୍ପର ସମ୍ବନ୍ଧ ଜାଣିବା ପାଇଁ ଯେଉଁ ବାକ୍ୟ ଗଢ଼ାଯାଏ ତାହାକୁ ବିଗ୍ରହବାକ୍ୟ କୁହାଯାଏ । ବିଗ୍ରହ ବାକ୍ୟକୁ ବ୍ୟାସବାକ୍ୟ ବା ସମାସବାକ୍ୟ ବୋଲି ମଧ୍ୟ କୁହାଯାଏ ।

**ସମାସର ପ୍ରକାର ଭେଦ :-** ଅର୍ଥର ପ୍ରାଧାନ୍ୟ ଦୃଷ୍ଟିରୁ ସମାସକୁ ମୁଖ୍ୟତଃ ଛଅ ଭାଗରେ ବିଭକ୍ତ କରାଯାଇଛି, ଯଥା :- ତତ୍‌ପୁରୁଷ, କର୍ମଧାରୟ, ଦ୍ୱିଗୁ, ଦ୍ୱନ୍ଦ୍ୱ, ବହୁବ୍ରୀହି ଓ ଅବ୍ୟୟୀଭାବ ।

ଏମାନଙ୍କ ମଧ୍ୟରୁ 'ତତ୍‌ପୁରୁଷ' ଓ 'କର୍ମଧାରୟ' ସମାସ ଦୁଇଟିରେ ଉତ୍ତରପଦର ଅର୍ଥରେ ପ୍ରାଧାନ୍ୟ ରହୁଥିବା ହେତୁ ଏ ଦୁଇଟି "ଉତ୍ତରପଦ ପ୍ରଧାନ" । 'ଦ୍ୱିଗୁ' ଓ ଅବ୍ୟୟୀଭାବ "ପୂର୍ବପଦ ପ୍ରଧାନ" 'ଦ୍ୱନ୍ଦ୍ୱ' ସମାସରେ "ଉଭୟପଦ" ବା ପ୍ରତ୍ୟେକ ପଦରେ ଅର୍ଥର ପ୍ରାଧାନ୍ୟ ରହିଛି । କିନ୍ତୁ ବହୁବ୍ରୀହି ସମାସରେ କୌଣସି ସମସ୍ୟମାନ ପଦର ଅର୍ଥ ଉପରେ ପ୍ରାଧାନ୍ୟ ଦିଆନଯାଇ "ସ୍ୱତନ୍ତ୍ର ଅର୍ଥ" ଉପରେ ଗୁରୁତ୍ୱ ଦିଆଯାଇଥାଏ । ଏହାକୁ 'ଅନ୍ୟଅର୍ଥ' ପ୍ରଧାନ କୁହାଯାଏ ।

**୩.୨ ତତ୍‌ପୁରୁଷ ସମାସ :-**

**ଦ୍ୱିତୀୟା ଠାରୁ ସପ୍ତମୀ ପର୍ଯ୍ୟନ୍ତ ବିଭକ୍ତି ଯୁକ୍ତ ବିଶେଷ୍ୟ ପଦ ସହିତ ବିଶେଷ୍ୟ କିମ୍ବା ବିଶେଷଣ ପଦର ସମାସ ହୋଇ ପର ପଦର ଅର୍ଥର ପ୍ରାଧାନ୍ୟ ରହିଲେ ତତ୍‌ପୁରୁଷ ସମାସ ହୁଏ । ଏହାର ସମସ୍ତ ପଦରେ ପୂର୍ବ ପଦର ବିଭକ୍ତି ଚିହ୍ନ ଲୋପ ପାଏ ।**

**ଦ୍ୱିତୀୟା ତତ୍ ପୁରୁଷ :-**

ଗୃହକୁ ଆଗତ = ଗୃହାଗତ ଧନକୁ ପ୍ରାପ୍ତ = ଧନପ୍ରାପ୍ତ

ଘରକୁ ମୁହାଁ = ଘରମୁହାଁ ସାହାଯ୍ୟକୁ ପ୍ରାପ୍ତ = ସାହାଯ୍ୟପ୍ରାପ୍ତ ।

ସେହିପରି ଚରଣାଶ୍ରିତ, ମାଛଧରା, ଦୁଧଖିଆ, ଦୁଃଖପ୍ରାପ୍ତ ଆଦି ସମାସ ଗଢ଼ାଯାଇପାରିବ । ବ୍ୟାପ୍ତି ଓ କାଳ ଅର୍ଥରେ ମଧ୍ୟ ଦ୍ୱିତୀୟା ତତ୍‌ପୁରୁଷର ରୂପ ଦେଖିବାକୁ ମିଳେ, ଯଥା :- ଚିରକାଳ(କୁ) ବ୍ୟାପୀ ଦୁଃଖ = ଚିରଦୁଃଖ, କ୍ଷଣକାଳ(କୁ) ବ୍ୟାପୀ ସ୍ଥାୟୀ = କ୍ଷଣସ୍ଥାୟୀ ଏଠାରେ ପୂର୍ବ ପଦରେ ଥିବା ଦ୍ୱିତୀୟା ବିଭକ୍ତିର ଚିହ୍ନ କୁ, ଙ୍କୁ - ସମସ୍ତ ପଦରେ ଲୁପ୍ତ ହୋଇଛି ।

**ତୃତୀୟା ତତ୍‌ପୁରୁଷ:-**

ଶରଦ୍ୱାରା ଆହତ = ଶରାହତ, ବିଦ୍ୟାରେ ହୀନ = ବିଦ୍ୟାହୀନ, ମାଙ୍କଡ଼ ଦ୍ୱାରା ଖିଆ = ମାଙ୍କଡ଼ ଖିଆ

ସେହିପରି ଅଗ୍ନିଦଗ୍ଧ, ଜଳଶୂନ୍ୟ, ମନଗଢ଼ା, ହାତକଟା, ଶୋକାକୁଳ, ତନ୍ତବୁଣା, ଭଗାରିହସା, କାଳିଦାସରଚିତ ଆଦି ସମାସ ଗଢ଼ାଯାଇପାରିବ । ଏଠାରେ ତୃତୀୟା ବିଭକ୍ତିର ଚିହ୍ନ 'ରେ','ଦ୍ୱାରା' ଆଦି ସମସ୍ତପଦରେ ଲୁପ୍ତ ହୋଇଛି ।

**ଚତୁର୍ଥୀ ତତ୍ପୁରୁଷ:-**

ପୁତ୍ର ନିମିତ୍ତ ଶୋକ = ପୁତ୍ରଶୋକ

ରଙ୍ଗ ନିମିତ୍ତ ମଞ୍ଚ = ରଙ୍ଗମଞ୍ଚ

ଦେବଙ୍କୁ ଅର୍ପିତ = ଦେବାର୍ପିତ

ସେହିପରି; ଧର୍ମପତ୍ନୀ, ଛତାକନା, ପିଇବା ପାଣି, ମନରୁଚା ଆଦି ସମାସ ଗଢ଼ାଯାଇପାରିବ ।

ଏଠାରେ ପୂର୍ବପଦରେ ଥିବା ଚତୁର୍ଥୀ ବିଭକ୍ତିର ଚିହ୍ନ ସମସ୍ତପଦରେ ଲୁପ୍ତ ହୋଇଛି ।

**ପଞ୍ଚମୀ ତତ୍ପୁରୁଷ:-**

ବୃକ୍ଷରୁ ପତିତ = ବୃକ୍ଷପତିତ, ବିଦେଶରୁ ଆଗତ = ବିଦେଶାଗତ

ସେହିପରି ଆମେ ଗଢ଼ିପାରିବା - ଗୋଠଖଣ୍ଡିଆ, ଧର୍ମଛଡ଼ା, ରୋଗମୁକ୍ତ, ଗଛତୋଳା, ଜନ୍ମାନ୍ଧ ଇତ୍ୟାଦି ଏଠାରେ ପୂର୍ବପଦରେ ଥିବା ପଞ୍ଚମୀ ବିଭକ୍ତିର ଚିହ୍ନ 'ରୁ' ସମସ୍ତ ପଦରେ ଲୁପ୍ତ ହୋଇଛି ।

**ଷଷ୍ଠୀ ତତ୍ପୁରୁଷ :-**

ଏହି ସମାସର ଗଠନ ପ୍ରଣାଳୀରେ ବିବିଧତା ରହିଛି ।

(କ) ଗାଆଁର ମୁଣ୍ଡ = ଗାଆଁମୁଣ୍ଡ, ନଦୀର ଜଳ = ନଦୀଜଳ

ସେହିପରି ଗଢ଼ାଯାଇପାରିବ - ନାରୀଶିକ୍ଷା, ପ୍ରଜାତନ୍ତ୍ର, କର୍ମଫଳ, ମାତୃଭାଷା, ମାନବଧର୍ମ, ଯୁବକସଂଘ ଇତ୍ୟାଦି ।

(ଖ) ଅର୍ଦ୍ଧ, ମଧ୍ୟ, ପୂର୍ବ, ଅପର ପ୍ରଭୃତି ପଦ ସମସ୍ତ ପଦରେ ପୂର୍ବପଦ ହୋଇଥାଏ ।

ଚନ୍ଦ୍ରର ଅର୍ଦ୍ଧ = ଅର୍ଦ୍ଧଚନ୍ଦ୍ର

ନଈର ମଝି = ମଝିନଈ

ଅହନ୍(ର) ମଧ୍ୟ = ମଧ୍ୟାହ୍ନ

ରାତ୍ରିର ମଧ୍ୟ = ମଧ୍ୟରାତ୍ର

ଅହନ୍(ର) ପୂର୍ବ = ପୂର୍ବାହ୍ଣ,

ଅହନ୍(ର) ଅପର = ଅପରାହ୍ଣ

ସେହିପରି ଗଢ଼ାଯିବ - ଅଧରାତି, ମଧ୍ୟଦେଶ ଇତ୍ୟାଦି ।

---

**ଶିକ୍ଷକଙ୍କ ପାଇଁ ସୂଚନା:-** ମଧ୍ୟାହ୍ନରେ 'ଅହନ୍' ର 'ନ' ଅପରିବର୍ତ୍ତିତ ଥିବାବେଳେ 'ପୂର୍ବାହ୍ଣ' ଓ 'ଅପରାହ୍ଣ'ରେ 'ଅହନ୍' 'ନ'- 'ଣ'ରେ ପରିଣତ ହୋଇଛି । ଣ'ତ୍ୱ ବିଧି ନିୟମ ଅନୁସାରେ ର,ର,ଷ ବର୍ଣ୍ଣପରେ ତଥା 'ନ' ପୂର୍ବରୁ ସ୍ୱରବର୍ଣ୍ଣ, କ-ବର୍ଗ,ପ-ବର୍ଗ, ଯ, ବ, ହ ମଧ୍ୟରୁ ଏକ ବା ଏକାଧିକ ବର୍ଣ୍ଣର ବ୍ୟବଧାନ ଥିଲେ 'ନ'-'ଣ'ରେ ପରିଣତ ହୁଏ । (ଅପର+ଅହନ୍) ରେ 'ର' ଓ 'ନ' ମଧ୍ୟରେ 'ଅ' ଓ 'ହ' ବ୍ୟବଧାନ ସୃଷ୍ଟି କରୁଥିବାରୁ 'ନ'-'ଣ' ହୋଇଛି । ସେହିପରି ପୂର୍ବାହ୍ଣ (ପୂର୍ବ+ ଅହନ୍)ରେ 'ର' ଓ 'ନ' ମଧ୍ୟରେ 'ବ' 'ଅ' ଓ 'ହ' ରହି ବର୍ଣ୍ଣ ବ୍ୟବଧାନ ସୃଷ୍ଟି କରୁଥିବାରୁ 'ନ' ସ୍ଥାନରେ 'ଣ' ହୋଇଛି । କିନ୍ତୁ ମଧ୍ୟାହ୍ନ (ମଧ୍ୟ+ଅହନ୍) ର 'ମଧ୍ୟ' ଶବ୍ଦରେ ର, ର, ଷ ନଥିବାରୁ 'ନ' ସ୍ଥାନରେ 'ଣ' ହୋଇନାହିଁ ।

(ଗ) ଷଷ୍ଠୀ ତତ୍‌ପୁରୁଷ ସମାସରେ 'ରାଜା' ଶବ୍ଦ ସମସ୍ତପଦରେ 'ରାଜ'ରେ ପରିଣତ ହୁଏ ।

ହଂସମାନଙ୍କର ରାଜା = ରାଜହଂସ

ପଥମାନଙ୍କର ରାଜା = ରାଜପଥ

ରାଜାଙ୍କର ପୁତ୍ର = ରାଜପୁତ୍ର

ମଗଧର ରାଜା = ମଗଧରାଜ

ସେହିପରି ହେବ ରାଜନୀତି ।

(ଘ) ସ୍ତ୍ରୀଲିଙ୍ଗବାଚକ ଶବ୍ଦ ସମସ୍ତପଦରେ ପୁଂଲିଙ୍ଗରେ ରୂପାନ୍ତରିତ ହୁଏ ଯଥା :-

ହଂସୀର ଡିମ୍ବ = ହଂସଡିମ୍ବ, ଛାଗୀର ଦୁଗ୍ଧ = ଛାଗଦୁଗ୍ଧ

ପୂର୍ବପଦରେ ଥିବା ଷଷ୍ଠୀ ବିଭକ୍ତିର ଚିହ୍ନ 'ର' ସମସ୍ତପଦରେ ଲୁପ୍ତ ହୋଇଛି ।

**ସପ୍ତମୀ ତତ୍‌ପୁରୁଷ :-**

ସାହିତ୍ୟରେ ନିପୁଣ = ସାହିତ୍ୟନିପୁଣ, ଗଣିତରେ ପଟୁ=ଗଣିତପଟୁ,ବିଦ୍ୟାରେ ନିପୁଣ=ବିଦ୍ୟା ନିପୁଣ, ଗଛରେ ପାଚିଲା = ଗଛପାଚିଲା, ଅରଣ୍ୟରେ ରୋଦନ = ଅରଣ୍ୟ ରୋଦନ ।

ଏଠାରେ ପୂର୍ବ ପଦରେ ଥିବା ସପ୍ତମୀ ବିଭକ୍ତିର ଚିହ୍ନ 'ରେ' ସମସ୍ତପଦରେ ଲୋପ ପାଇଛି ।

ସେହି ନିୟମରେ ଗଢ଼ା ଯାଇପାରିବ - ହାଣ୍ଡିରନ୍ଧା, ସନ୍ତରଣପଟୁ, ନରାଧମ, ଦୁଃଖମଗ୍ନ, ବଣଭୋଜି ଇତ୍ୟାଦି ।

**୩.୩ ନଞ୍ ତତ୍‌ପୁରୁଷ :-** ତତ୍‌ପୁରୁଷ ସମାସରେ ନିଷେଧ ଅର୍ଥରେ ନଞ୍ ତତ୍‌ପୁରୁଷ ସମାସ ହୁଏ । ସଂସ୍କୃତ ନଞ୍‌ର ଓଡ଼ିଆ ରୂପ ହେଉଛି 'ନ' । ଏହା ଏକ ନାସ୍ତିସୂଚକ ଅବ୍ୟୟ । ସାଧାରଣତଃ 'ନ' ପରେ ସ୍ୱରବର୍ଣ୍ଣଥିଲେ 'ନ' - ସ୍ଥାନରେ 'ଅନ' ହୁଏ ଏବଂ 'ନ' ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ନ' ସ୍ଥାନରେ 'ଅ' ହୁଏ ।

ନ ଆବିଳ = ଅନାବିଳ,

ନ ଉଚିତ = ଅନୁଚିତ

ସେହିପରି ହେବ - ଅନଶନ, ଅନଭିଜ୍ଞ, ଅନାଗତ, ଅନିଷ୍ଟ, ଅନୁନ୍ନତ । ଏଠାରେ 'ନ'- 'ଅନ'ରେ ପରିଣତ ହେଲା । ଅନ୍ୟପକ୍ଷରେ ନ ଚଳ= ଅଚଳ, ନ କଟା = ଅକଟା । ଏଠାରେ 'ନ' 'ଅ' ରେ ପରିଣତ ହେଲା ।

ସେହିପରି ଗଢ଼ାଯାଇପାରିବ - ଅବାଟ, ଅଧୁଆ, ଅଦୂର, ଅପାଳକ, ଅପାଠୁଆ, ଅଲଗା, ଅମାନିଆ ଇତ୍ୟାଦି ।

ଆମ ଭାଷାରେ 'ଅଣ'ର ବ୍ୟବହାର ଅଛି । 'ନ' ପରେ ସ୍ୱର ବା ବ୍ୟଞ୍ଜନ ଯାହା ଥାଉନା କାହିଁକି - 'ଅଣ'ର ଆଗମ ହୁଏ ।

ଯଥା :- ନ ଓସାରିଆ = ଅଣଓସାରିଆ

ନ ହଳଦିଆ = ଅଣହଳଦିଆ

### ୩.୪ ଉପପଦ ତତ୍ପୁରୁଷ :-

କେତେକ ପଦ ଗଢ଼ିବା ପାଇଁ 'ଧାତୁ' ପୂର୍ବରେ ଅନ୍ୟ ଗୋଟିଏ ପଦ ଯୋଗ କରାଯାଏ । ତାହାକୁ ଉପପଦ କୁହାଯାଏ ।

ମଧୁପାନ କରେ ଯେ ସେ = ମଧୁପ, ମଧୁପାୟୀ

କୂଳ ବୁଡ଼ାଏ ଯେ = କୂଳବୁଡ଼ା

ଏଠାରେ 'ମଧୁ' ଓ 'କୂଳ' ଶବ୍ଦ, ଧାତୁ ପୂର୍ବରେ ବ୍ୟବହୃତ ହୋଇଛନ୍ତି । ଏଗୁଡ଼ିକ ହେଉଛନ୍ତି ଉପପଦ । ଏଥିରୁ ଜଣାଗଲା ଯେ -

**ଉପପଦ ସହିତ ଧାତୁ ଅଥବା କ୍ରିୟା ନିଷ୍ପନ୍ନ ଅନ୍ୟ ପଦର ଯେଉଁ ସମାସ ହୁଏ ତାକୁ 'ଉପପଦ ତତ୍ପୁରୁଷ ସମାସ' କହନ୍ତି ।**

ସେପରି ଗଢ଼ାଯାଇପାରିବ ଶଯ୍ୟାଶାୟୀ, କୁମ୍ଭକାର, ମଣିଷଖିଆ, ସତ୍ୟବାଦୀ, କାନକୁହା ଇତ୍ୟାଦି ।

**୩.୫ ଅଲୁକ୍ ସମାସ :-** ଯୁଧି(ଯୁଦ୍ଧରେ) ସ୍ଥିର = ଯୁଧିଷ୍ଠିର । ଆଗରୁ ଦେଖିଲେ ସମାସର ସମସ୍ତ ପଦରେ ପୂର୍ବପଦର ବିଭକ୍ତି ଚିହ୍ନ 'ଲୁକ୍' ବା ଲୁପ୍ତ ହୋଇ ଯାଇଛି, କିନ୍ତୁ ଏଠାରେ 'ଯୁଧି' ସପ୍ତମୀ ବିଭକ୍ତି ହୋଇଥିଲେ ମଧ୍ୟ ସମସ୍ତପଦରେ ତା'ର ରୂପ ଲୁକ୍ ବା ଲୁପ୍ତ ହେଉନାହିଁ । ତେଣୁ ତାହା ଅଲୁପ୍ତ ବା ଅଲୁକ୍ ହୋଇ ରହୁଛି । ଏଥିରୁ ଜାଣିଲେ ଯେ -

**ଯେଉଁ ସମାସର ସମସ୍ତପଦରେ ବିଭକ୍ତି ଚିହ୍ନ ଲୁପ୍ତ ହୁଏ ନାହିଁ ତାହାକୁ 'ଅଲୁକ୍ ସମାସ' କହନ୍ତି ।**

ଏପରି ଗଢ଼ାଯାଇ ପାରିବ - ବନେ (ବନରେ) ଚରେ (ବିଚରଣ କରେ) ଯେ = ବନେଚର,

ଅନ୍ତେ (ଅନ୍ତରେ) ବାସକରେ ଯେ = ଅନ୍ତେବାସୀ ଇତ୍ୟାଦି ।

**୩.୬ କର୍ମଧାରୟ ସମାସ :-** କର୍ମଧାରୟ ସମାସର ଗଠନ ପ୍ରଣାଳୀରେ ବିବିଧତା ରହିଛି । ବିଗ୍ରହବାକ୍ୟ ଓ ସମାସ ପଦର ଗଠନ କୌଶଳ ଲକ୍ଷ୍ୟ କର ।

(କ) ନୀଳ ଅଟେ କଇଁ = ନୀଳକଇଁ

ଏଠାରେ 'ନୀଳ' ବିଶେଷଣ ପଦ ଓ 'କଇଁ' ବିଶେଷ୍ୟପଦ ।

ସେହିପରି ଡେଙ୍ଗାଗଛ, ପୋଡ଼ାଡିଅଣ, କଅଁଳଶାଗ, ଫଟାହାଣ୍ଡି, ସଫାଲୁଗା, ସଜ୍ଜନ, ଉଡ଼ାଜାହାଜ, ଲୁଣିମାଛ ଇତ୍ୟାଦି ।

(ଖ) ଯେ ରୁଦ୍ର ସେ ସୁନ୍ଦର = ରୁଦ୍ରସୁନ୍ଦର

ଯେ ମୂର୍ଖ ସେ ପଣ୍ଡିତ = ମୂର୍ଖପଣ୍ଡିତ

ଯେ ଚାଲାକ ସେ ଚତୁର = ଚାଲାକ ଚତୁର

ଏଠାରେ ରୁଦ୍ର, ସୁନ୍ଦର, ମୂର୍ଖ, ପଣ୍ଡିତ, ଚାଲାକ, ଚତୁର ଆଦି ସମସ୍ତ ଶବ୍ଦ ବିଶେଷଣ ପଦ ।

(ଗ) ଯେ ରାଜା ସେ ଋଷି = ରାଜର୍ଷି । ଏଠାରେ 'ରାଜା' ବିଶେଷ୍ୟ ପଦ ଓ 'ଋଷି' ମଧ୍ୟ ବିଶେଷ୍ୟପଦ । ସେହିପରି ଶବ୍ଦ ହେଉଛନ୍ତି - ଦେବର୍ଷି, ବ୍ରହ୍ମର୍ଷି ଇତ୍ୟାଦି ।

(ଘ) ଶ୍ରେଷ୍ଠ ଅଟେ ନର = ନରଶ୍ରେଷ୍ଠ

ଏଠାରେ 'ନର' ବିଶେଷ୍ୟ ଓ 'ଶ୍ରେଷ୍ଠ' ବିଶେଷଣ ପଦ । ଏଥିରୁ ଆମେ ଜାଣିଲେ ଯେ -

**ବିଶେଷଣ ଓ ବିଶେଷ୍ୟ ପଦକୁ ନେଇ ଯେଉଁ ସମାସ ଗଠିତ ହୁଏ, ତାହାକୁ 'କର୍ମଧାରୟ ସମାସ' କହନ୍ତି । ଏହି ସମାସର ସମସ୍ତପଦରେ ପରପଦର ଅର୍ଥର ପ୍ରାଧାନ୍ୟ ରହେ ।**

କର୍ମଧାରୟ ସମାସର ବିଭିନ୍ନ ରୂପ ଅଛି । ଆସ, ସେଗୁଡ଼ିକୁ ଦେଖିବା ।

**ରୂପକ କର୍ମଧାରୟ :-**

**ଉପମେୟ -** ଯାହା ବିଷୟରେ ଉପମା ଅର୍ଥାତ୍ ତୁଳନା ଦିଆଯାଏ ତାକୁ 'ଉପମେୟ' କହନ୍ତି । ଏହି ଉପମେୟ ହେଉଛି ପ୍ରକୃତ ବସ୍ତୁ ।

**ଉପମାନ -** ଉପମେୟ ବା ପ୍ରକୃତ ବସ୍ତୁ ସହିତ ଯାହାର ତୁଳନା କରାଯାଏ ତାକୁ 'ଉପମାନ' କହନ୍ତି ।

"ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ବିଦ୍ୟାରତ୍ନରେ ଭୂଷିତ ହୋଇଥିଲେ । ଏଠାରେ 'ବିଦ୍ୟା' ହେଉଛି ଉପମେୟ ଓ 'ରତ୍ନ' ହେଉଛି ଉପମାନ । ଏଠାରେ ବିଦ୍ୟା ସହିତ ରତ୍ନର ତୁଳନା କରାଯାଇଛି । ଆମେ ଏପରି ମଧ୍ୟ କହିପାରିବା - ବିଦ୍ୟା ରୂପକ ରତ୍ନ = ବିଦ୍ୟାରତ୍ନ । ଏଠାରେ ଉପମେୟ ଓ ଉପମାନ ମଧ୍ୟରେ ଭେଦଥିଲା ପରି ଜଣାପଡୁ ନାହିଁ । ଏଥିରୁ ଜଣାଗଲା ଯେ;

**ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଳ୍ପିତ ହୋଇ ସମାସ ହେଲେ 'ରୂପକ କର୍ମଧାରୟ' ସମାସ ହୁଏ ।**

ଏହି ସୂତ୍ରରେ ଆମେ ଗଢ଼ିପାରିବା - ଶୋକସାଗର, କନ୍ୟାରତ୍ନ, ପୁତ୍ରମଣି, ଶୋକାଗ୍ନି, ଅଜ୍ଞାନ-ଅନ୍ଧକାର ଇତ୍ୟାଦି ।

**ସାଧାରଣ ଧର୍ମ :-** ଉପମେୟ ଓ ଉପମାନ ମଧ୍ୟରେ ଥିବା ସମାନଗୁଣ ଧର୍ମକୁ ସାଧାରଣ ଧର୍ମ କୁହାଯାଏ । 'ମୁଖଟି ଚନ୍ଦ୍ର ପରି ସୁନ୍ଦର' ଏଠାରେ ସୁନ୍ଦର ହେଉଛି ସାଧାରଣଧର୍ମ ବାଚକ ପଦ । ଅର୍ଥାତ୍ ଚନ୍ଦ୍ର ଯେପରି ସୁନ୍ଦର ମୁଖଟି ସେହିପରି ସୁନ୍ଦର ।

**ଉପମାନ କର୍ମଧାରୟ : -**

କାକ ପରି କୃଷ୍ଣ = କାକକୃଷ୍ଣ

ଘନ ପରି ଶ୍ୟାମ = ଘନଶ୍ୟାମ

'କାକ' ଓ 'ଘନ' ହେଉଛନ୍ତି ଉପମାନ ଓ 'କୃଷ୍ଣ' ଓ 'ଶ୍ୟାମ' ହେଉଛନ୍ତି ସାଧାରଣ ଧର୍ମ । ଏଠାରେ ଆମେ ଦେଖିଲେ କେବଳ ଉପମାନ ଓ ସାଧାରଣ ଧର୍ମ ରହିଛି ।

ଏଥିରୁ ଜଣାଗଲା ଯେ,

**ଉପମାନ ସହିତ ସାଧାରଣ ଧର୍ମବାଚକ ପଦର ସମାସକୁ 'ଉପମାନ କର୍ମଧାରୟ' ସମାସ କୁହାଯାଏ**

ଆମେ ଏହି ଧାରାରେ ଗଢ଼ିପାରିବା - ତୁଷାରଧବଳ, ଲବଣୀକୋମଳ ଇତ୍ୟାଦି ।

**ଉପମିତ କର୍ମଧାରୟ :-**

ମୁଖଟି ଚନ୍ଦ୍ର ପରି = ମୁଖଚନ୍ଦ୍ର

ଏଠାରେ 'ମୁଖ' ହେଉଛି 'ଉପମେୟ' ଓ 'ଚନ୍ଦ୍ର' ହେଉଛି ଉପମାନ । ଏଥିରୁ ଜଣାଗଲା ଯେ -

**ସମାସରେ ଉପମେୟ ପୂର୍ବପଦ ଓ ଉପମାନ ପରପଦ ହେଲେ ତାହାକୁ 'ଉପମିତକର୍ମଧାରୟ' ସମାସ କହନ୍ତି ।**

ଏହିସୂତ୍ରରେ ଗଢ଼ାଯାଇପାରିବ - ଅଧରବିମ୍ବ, ପାଦପଦ୍ମ, ଚରଣକମଳ, ନରସିଂହ, ନରେନ୍ଦ୍ର ଇତ୍ୟାଦି ।

**ମଧ୍ୟପଦଲୋପୀ କର୍ମଧାରୟ :-**

ରାଜାଙ୍କ ସିଂହଦ୍ୱାରରେ ଦ୍ୱାରପାଳ ପହରା ଦେଉଛି ।

'ସିଂହଦ୍ୱାର'କୁ ଆମେ ଲେଖିପାରିବା 'ସିଂହ ଚିହ୍ନିତ ଦ୍ୱାର । ସମାସ ଗଠିତ ହେଲେ 'ଚିହ୍ନିତ' ପଦଟି ଲୋପ ହୋଇଯାଉଛି ।

ଏଥିରୁ ଆମେ ଜାଣିଲେ ଯେ,

**ଯେଉଁ କର୍ମଧାରୟ ସମାସର ସମସ୍ତ ପଦରେ ମଧ୍ୟବର୍ତ୍ତୀ ପଦର ଲୋପ ହୋଇଥାଏ, ତାହାକୁ 'ମଧ୍ୟପଦଲୋପୀ କର୍ମଧାରୟ ସମାସ' କହନ୍ତି ।**

ଏହି ଧାରାରେ ଗଢ଼ାଯାଇ ପାରିବ,

ଘୃତ ମିଶ୍ରିତ ଅନ୍ନ = ଘୃତାନ୍ନ

ସୁନାରେ ତିଆରି ମୁଦି = ସୁନାମୁଦି

କାଠରେ ତିଆରି ପୋଲ = କାଠପୋଲ

ବର ନାମକ ଗଛ=ବରଗଛ

ସେହିପରି ହେବ, ଦହିଚୁଡ଼ା, ରେଳଗାଡ଼ି, ଚନ୍ଦ୍ରମୁଖ, ବକଧାର୍ମିକ ଇତ୍ୟାଦି ।

**କର୍ମଧାରୟ ସମାସର ଆଉ କେତେକ ଉଦାହରଣ :-**

ଅନ୍ୟଗ୍ରାମ = ଗ୍ରାମାନ୍ତର

ଅନ୍ୟରୂପ = ରୂପାନ୍ତର

ଅନ୍ୟଦେଶ = ଦେଶାନ୍ତର

କୁ(କୁତ୍ସିତ) ଅଟେ ଆକାର = କଦାକାର

କୁ(କୁତ୍ସିତ) ଅଟେ ପୁରୁଷ = କୁପୁରୁଷ, କାପୁରୁଷ

**୩.୭ ଦ୍ୱନ୍ଦ୍ୱ ସମାସ : -**

ଗଛଟି **ଫୁଲଫଳ**ରେ ଭରା ହୋଇଛି ।

ଫୁଲଫଳ ଶବ୍ଦ ଦୁଇଟି ଭିନ୍ନ ଭିନ୍ନ ଶବ୍ଦ ଯଥା :- 'ଫୁଲ' ଓ 'ଫଳ' । ଏ ଦୁଇଟିଯାକ ବିଶେଷ୍ୟ ପଦ । ସମସ୍ତପଦରେ ଦୁଇଟିର ଅର୍ଥର ସମାନ ପ୍ରାଧାନ୍ୟ ରହୁଛି । ସେହିପରି ଦୁଇରୁ ଅଧିକ ଶବ୍ଦ ବି ମିଶିପାରନ୍ତି । ଯଥା; ରାମ ଲକ୍ଷ୍ମଣ ଓ ସୀତା = ରାମଲକ୍ଷ୍ମଣସୀତା । ଧର୍ମ, ଅର୍ଥ, କାମ ଓ ମୋକ୍ଷ = ଧର୍ମାର୍ଥକାମମୋକ୍ଷ ।

ଏଥିରୁ ଜଣାଗଲା,

**ପ୍ରତ୍ୟେକ ପଦର ଅର୍ଥର ପ୍ରାଧାନ୍ୟ ଥାଇ ଏକାଧିକ ବିଶେଷ୍ୟ ପଦର ମିଳନରେ ଯେଉଁ ସମାସ ଗଠିତ ହୁଏ ତାହାକୁ 'ଦ୍ୱନ୍ଦ୍ୱ ସମାସ' କୁହାଯାଏ ।**

ଏହି ଧାରାରେ ଗଢ଼ାଯାଇପାରିବ, ଦମ୍ପତି, ବାଟଘାଟ, ହରିହର, ଲେଖାପଢ଼ା ଇତ୍ୟାଦି ।

### ୩.୮ ଦ୍ୱିଗୁ ସମାସ :-

**ତ୍ରିଫଳା** ପାଣି ସ୍ୱାସ୍ଥ୍ୟ ପାଇଁ ହିତକର । 'ତ୍ରିଫଳା' ଶବ୍ଦଟି ତିନିଫଳର ସମାହାରରୁ ସୃଷ୍ଟି ହୋଇଛି । 'ତ୍ରିଫଳା'ର ବ୍ୟାସବାକ୍ୟ ହେଉଛି ତ୍ରି(ତିନି) ଫଳର ସମାହାର । ଶବ୍ଦଟିର ଆଦ୍ୟରେ ସଂଖ୍ୟାବାଚକ ଶବ୍ଦ ତ୍ରି(ତିନି) ରହିଅଛି । ସେହିପରି "ଚାରିବେଦ" = ଚାରିବେଦର ସମାହାର । ଏହାର ଆଦ୍ୟଶବ୍ଦ 'ଚାରି' ମଧ୍ୟ ହେଉଛି ସଂଖ୍ୟାବାଚକ ଶବ୍ଦ। ଏଥିରୁ ଜଣାଗଲା,

**ଯେଉଁ ସମାସରେ ସଂଖ୍ୟାବାଚକ ଶବ୍ଦ ପୂର୍ବରେ ଥାଇ ସମସ୍ତପଦଟି ସମାହାର ବା ସମଷ୍ଟିକୁ ବୁଝାଉଥାଏ ତାହାକୁ 'ଦ୍ୱିଗୁ' ସମାସ କହନ୍ତି ।**

ଏହି ସୂତ୍ରରେ ଗଢ଼ାଯାଇ ପାରିବ - ଷଡ଼ରିପୁ, ପଞ୍ଚେନ୍ଦ୍ରିୟ, ଅଷ୍ଟରତ୍ନ, ପଞ୍ଚଗବ୍ୟ, ସପ୍ତାହ, ପଞ୍ଚବଟୀ, ଚଉପଦୀ ପ୍ରଭୃତି ।

### ୩.୯ ବହୁବ୍ରୀହି ସମାସ :-

(କ) ଦଶହରାଦିନ **ଦାଶରଥି** ଦଶାନନକୁ ବଧ କରିଥିଲେ ।

(ଖ) ବାଳକ ଓ ବାଳିକାମାନେ **ବୀଣାପାଣି**ଙ୍କୁ ପୂଜା କରୁଛନ୍ତି ।

ଉପର ବାକ୍ୟ ଦୁଇଟିରେ 'ଦଶାନନ' ଓ 'ବୀଣାପାଣି' ହେଉଛନ୍ତି ବଡ଼ ଅକ୍ଷର ଚିହ୍ନିତ ପଦ । ଏହି ପଦଗୁଡ଼ିକୁ ଆମେ ବ୍ୟାସବାକ୍ୟ ସାହାଯ୍ୟରେ ନିମ୍ନମତେ ଲେଖି ପାରିବା । -

ଦଶ ଆନନ (ମୁଖ) ଯାହାର = ଦଶାନନ

ସେହିପରି ବୀଣା ପାଣି (ହାତ) ରେ ଯାହାର = ବୀଣାପାଣି

ଏଠାରେ ଦଶ, ଆନନ, ବୀଣା, ପାଣି ଆଦି ହେଉଛନ୍ତି ଗୋଟିଏ ଗୋଟିଏ ସମସ୍ୟମାନପଦ । ସମସ୍ତ ପଦ ହେଲାବେଳେ ଏ ସମସ୍ୟମାନ ପଦମାନଙ୍କର ଗୁରୁତ୍ୱ ନରହି ସ୍ୱତନ୍ତ୍ର ଅର୍ଥ ପ୍ରକଟିତ ହେଉଛି । ଅର୍ଥାତ୍ ଯାହାର ଦଶଟି ଆନନ, ସେ 'ଦଶାନନ' ନ ହୋଇ କେବଳ 'ରାବଣ' ଅର୍ଥ ପ୍ରକାଶିତ ହୋଇଛି । ସେହିପରି ବୀଣାପାଣି, 'ସରସ୍ୱତୀ' ଅର୍ଥରେ ବ୍ୟବହୃତ ହୋଇଛି । ଏହିପରି କୁହାଯାଇପାରେ; ତ୍ରିଲୋଚନ, ପୀତାମ୍ବର, ଦିଗମ୍ବର, ନୀଳକଣ୍ଠ, ପଞ୍ଚାନନ, ଚତୁର୍ଭୁଜ ଇତ୍ୟାଦି । ଏଥିରୁ ଆମେ ଜାଣିଲେ,

**ଯେଉଁ ସମାସରେ ସମସ୍ତପଦ ସମସ୍ୟମାନ ପଦମାନଙ୍କ ମଧ୍ୟରୁ କାହାରି ଅର୍ଥକୁ ନବୁଝାଇ ଅନ୍ୟକୁ ବୁଝାଏ ତାହାକୁ 'ବହୁବ୍ରୀହି ସମାସ' କହନ୍ତି ।**

ମନେରଖିବାକୁ ହେବ ଯେ ଏ ସମାସର ବିଗ୍ରହ ବାକ୍ୟରେ ଯାହାର, ଯାହାକୁ, ଯଦ୍ୱାରା, ଯାହାଠାରୁ, ଯାହାଠାରେ ଆଦି ପଦ ବ୍ୟବହୃତ ହୋଇଥାଏ । ଆସ, ଏହି ସମାସର ବିବିଧ ରୂପକୁ ଦେଖିବା ।

(କ) ବହୁବ୍ରୀହି ସମାସରେ 'ଅକ୍ଷି' ଶବ୍ଦ ସମସ୍ତପଦରେ 'ଅକ୍ଷ'ରେ ଓ 'ନାଭି' ଶବ୍ଦ 'ନାଭ'ରେ ପରିଣତ ହୁଏ ।

ବିରୂପ ଅକ୍ଷି ଯାହାର = ବିରୂପାକ୍ଷ

ପୁଣ୍ଡରୀକ ଅକ୍ଷି ଯାହାର = ପୁଣ୍ଡରୀକାକ୍ଷ

ସେହିପରି ଲେଖାଯାଇପାରେ - ବିଶାଳାକ୍ଷ, ସହସ୍ରାକ୍ଷ ଇତ୍ୟାଦି ।

ପୁଣି ପଦ୍ମ ନାଭିରେ ଯାହାର = ପଦ୍ମନାଭ

(ଖ) ଯଶସ୍, ତେଜସ୍, ମନସ୍ ପ୍ରଭୃତି ଶବ୍ଦର ଶେଷରେ 'ସ୍' ରହିଛି । ଏହିଭଳି ଶେଷରେ 'ସ୍' ଥିବା ଶବ୍ଦକୁ ନେଇ ବହୁବ୍ରୀହି ସମାସ ହେଲେ 'ସ୍'ର ଲୋପ ହୁଏ ଓ ଅନ୍ତ୍ୟ 'ଅ' 'ଆକାର' ହୁଏ । ବେଳେବେଳେ 'ସ୍' ଅତୁଟ ରହେ ଓ 'କ'ର ଆଗମ ହୁଏ ।

ମହାନ୍ ତେଜ ଯାହାର = ମହାତେଜା

ଉଦାର ଚେତ (ଚିତ୍ତ) ଯାହାର = ଉଦାରଚେତା

ଉଚ୍ଚ ମନ ଯାହାର = ଉଚ୍ଚମନା

ଅନ୍ୟ ମନ ଯାହାର = ଅନ୍ୟମନା, ଅନ୍ୟମନସ୍କ

ଅଳ୍ପ ବୟଃ ଯାହାର = ଅଳ୍ପବୟା, ଅଳ୍ପବୟସ୍କ

(ଗ) କେତେକ କ୍ଷେତ୍ରରେ ନାସ୍ତିବାଚକ ଶବ୍ଦ (ନାହିଁ) ପୂର୍ବପଦ ହୋଇ ବହୁବ୍ରୀହି ସମାସ ହୋଇଥାଏ । ଏହାକୁ ନିଷେଧାର୍ଥକ ବହୁବ୍ରୀହି ସମାସ କହନ୍ତି ।

ନାହିଁ ଅନ୍ତଯାହାର = ଅନନ୍ତ, ନାହିଁ ଆଦି ଯାହାର = ଅନାଦି, ନାହିଁ ଗାଧ (ଅଗଭୀରତ୍ୱ) ଯାହାର = ଅଗାଧ, ନାହିଁ ଦୋଷ ଯାହାର = ନିର୍ଦ୍ଦୋଷ, ନାହିଁ କାର (କାର୍ଯ୍ୟ) ଯାହାର = ବେକାର

ସେହିପରି ଗଢ଼ାଯାଇପାରିବ - ଅତଳ, ଅସୀମ, ନିର୍ଭୟ, ନିରାକାର, ନୀରୋଗ, ବେହୋସ, ବେତାର, ବେହିସାବୀ, ନିରର୍ଥକ, ନିର୍ଜନ ଇତ୍ୟାଦି । ବିଗତ ହୋଇଅଛି ଧବ ବା ନାହିଁ ଧବ (ସ୍ୱାମୀ) ଯାହାର ତାକୁ 'ବିଧବା' ଓ ବିଗତ ହୋଇଅଛି ପତ୍ନୀ ବା ନାହିଁ ପତ୍ନୀ ଯାହାର ତାକୁ 'ବିପତ୍ନୀକ' କୁହାଯାଏ ।

(ଘ) ଅନ୍ୟପଦ ସହିତ 'ସହ' ଶବ୍ଦ ଯୋଗରେ ଯେଉଁ ବହୁବ୍ରୀହି ସମାସ ହୁଏ, ତାହାକୁ 'ସହାର୍ଥକ ବହୁବ୍ରୀହି' କୁହାଯାଏ । ଏହି 'ସହ' ଶବ୍ଦ ସମସ୍ତପଦରେ 'ସ'ରେ ପରିଣତ ହୁଏ ।

ଉଦାହରଣ; ପରିବାର ସହିତ ଅଛନ୍ତି ଯେ = ସପରିବାର

ସ୍ତ୍ରୀ ସହିତ ଅଛନ୍ତି ଯେ = ସସ୍ତ୍ରୀକ

ଶିଷ୍ୟ ସହିତ ଅଛନ୍ତି ଯେ = ସଶିଷ୍ୟ

ସେହିପରି ଗଢ଼ାଯାଇପାରିବ; ସାନନ୍ଦ, ସସମ୍ମାନ, ସବିନୟ, ସବାନ୍ଧବ, ସକୁଟୁମ୍ବ ଇତ୍ୟାଦି ।

(ଙ) 'ସମାନ' ଶବ୍ଦ ସହିତ ବହୁବ୍ରୀହି ସମାସ ହେଲେ 'ସମାନ' ସ୍ଥାନରେ 'ସ' ହୁଏ । କେତେକ ସ୍ଥଳରେ 'ସହ' ମଧ୍ୟ ହୁଏ ।

ସମାନ ତୀର୍ଥ ଯାହାର = ସତୀର୍ଥ

ସମାନ ଉଦରରୁ ଜନ୍ମ ଯାହାର = ସହୋଦର, ସୋଦର

ସେହିପରି ହୁଏ - ସଗୋତ୍ର, ସପିଣ୍ଡ ଇତ୍ୟାଦି ।

(ଚ) କେତେକ ବହୁବ୍ରୀହି ସମାସରେ ଉପମାନ ପୂର୍ବପଦ ଓ ଉପମେୟ ପରପଦ ହୋଇଥାନ୍ତି । ସମସ୍ତ ପଦରେ ଉପମାନର ଅଂଶବିଶେଷ ଲୋପପାଏ । ଏହାକୁ 'ଉପମିତ ବହୁବ୍ରୀହି' କହନ୍ତି ।

ଗଜଗମନ ପରି ଗମନ ଯେଉଁ ସ୍ତ୍ରୀର = ଗଜଗମନା

ଚିଲଆଖି ପରି ଆଖି ଯାହାର = ଚିଲଆଖିଆ

ଘୋଡ଼ା ମୁହଁ ପରି ମୁହଁ ଯାହାର = ଘୋଡ଼ାମୁହାଁ

ସେହିପରି ଗଢ଼ାଯାଇ ପାରିବ - ଓଟମୁହାଁ, ମରାଳଗମନା, ସୂର୍ପଣଖା, ମାଗୁରନିଶା, ମୀନନୟନା, ଚାନ୍ଦମୁହାଁ ଇତ୍ୟାଦି ।

(ଛ) ଏକ ଜାତୀୟ କ୍ରିୟାରେ ପରସ୍ପର ବ୍ୟାପୃତ ଥିବା ବୁଝାଇଲେ 'ବ୍ୟତିହାର ବହୁବ୍ରୀହି' ସମାସ ହୁଏ ।

କେଶକୁ କେଶକୁ ଧରି ଯେଉଁ ଯୁଦ୍ଧ = କେଶାକେଶି

ପରସ୍ପରକୁ ମାରିବା କାର୍ଯ୍ୟ ହୁଏ ଯହିଁରେ = ମରାମରି

ଠେଙ୍ଗାରେ ଠେଙ୍ଗାରେ ଯେଉଁ ଯୁଦ୍ଧ = ଠେଙ୍ଗାଠେଙ୍ଗି

ସେହିପରି ହେବ; ବାଡ଼ାବାଡ଼ି, ପିଟାପିଟି, ହାତାହାତି, ଧରାଧରି, ପେଲାପେଲି, ଠେଲାଠେଲି ଇତ୍ୟାଦି ।

(ଜ) ବହୁବ୍ରୀହି ସମାସର ଆଉ କେତେକ ଉଦାହରଣ :

ସୁହୃଦୟ ଯାହାର = ସୁହୃଦ

ଅଷ୍ଟ ଅଙ୍ଗ ବକ୍ର ଯାହାର = ଅଷ୍ଟବକ୍ର

ଏକ ବାଗ ଯାହାର = ଏକବାଗିଆ,

ଦୁଇ ମୁଣ୍ଡ ଯାହାର = ଦୋମୁଣ୍ଡିଆ

## ୩.୧୦ ଅବ୍ୟୟୀଭାବ ସମାସ :-

(୧) **ପ୍ରତିହିଂସା**ପରାୟଣ ବ୍ୟକ୍ତିର ଅଧିକ କ୍ଷତି ହୁଏ ।

(୨) ହରିବାବୁ ଘଟଣାକୁ **ଆମୂଳଚୂଳ** ବର୍ଣ୍ଣନା କଲେ । ପ୍ରଥମବାକ୍ୟର 'ପ୍ରତିହିଂସା'ରେ 'ପ୍ରତି' ହେଉଛି ଗୋଟିଏ ଅବ୍ୟୟ ପଦ, ସେହିପରି ଦ୍ୱିତୀୟ ବାକ୍ୟର 'ଆମୂଳଚଳ'ରେ 'ଆ' ହେଉଛି ଅବ୍ୟୟପଦ । ଅବ୍ୟୟପଦ ଦୁଇଟି ଶବ୍ଦର ଆରମ୍ଭରେ ରହିଛି । ଅବ୍ୟୟ ପଦ ସହିତ ଅନ୍ୟପଦ ମିଶିଛି । ଏଥିରୁ ଜଣାଗଲା ଯେ -

**ଯେଉଁ ସମାସରେ ଅବ୍ୟୟପଦ ପୂର୍ବପଦ ଭାବରେ ରହି ଅନ୍ୟପଦ ସହିତ ସମାସ ହୋଇଥାଏ ଓ ତହିଁରେ ଅବ୍ୟୟର ଅର୍ଥ ପ୍ରାଧାନ୍ୟ ଥାଏ ତାକୁ 'ଅବ୍ୟୟୀଭାବ' ସମାସ କୁହାଯାଏ ।**

ବୀପ୍‌ସା (ବାରମ୍ବାର), ବ୍ୟାପ୍ତି ଓ ପର୍ଯ୍ୟନ୍ତ (ସୀମା), ଅଭାବ, ଯୋଗ୍ୟତା, ଆତିଶଯ୍ୟ, ବୈପରୀତ୍ୟ, ସାମୀପ୍ୟ, ସାଦୃଶ୍ୟ, ପଶ୍ଚାତ ପ୍ରଭୃତି ଅର୍ଥରେ ଅବ୍ୟୟୀଭାବ ସମାସ ହୋଇଥାଏ । ଆସ, ସେ ରୂପଗୁଡ଼ିକୁ ଦେଖିବା ।

(କ) ବୀପ୍‌ସା - ଥରକୁଥର = ପ୍ରତିଥର ।

ସେହିପରି ପ୍ରତିଦିନ, ପ୍ରତିଘର ଶବ୍ଦଗଢ଼ା ଯାଇପାରିବ ।

(ଖ) ଅଭାବ - ଭିକ୍ଷାର ଅଭାବ = ଦୁର୍ଭିକ୍ଷ

ସେହିପରି ବନ୍ଦୋବସ୍ତର ଅଭାବ ବେବନ୍ଦୋବସ୍ତ

ଏଠାରେ 'ଦୁର୍' ଓ 'ବେ' ଅବ୍ୟୟ ପଦ ।

(ଗ) ବ୍ୟାପ୍ତି ଓ ପର୍ଯ୍ୟନ୍ତ - ମରଣପର୍ଯ୍ୟନ୍ତ = ଆମରଣ

ସେହିପରି ହେବ - ଆସମୁଦ୍ର, ଆକଣ୍ଠ, ଇତ୍ୟାଦି ।

ଜୀବନକୁ ବ୍ୟାପି = ଆଜୀବନ

ପାଦଠାରୁ ଆରମ୍ଭକରି ମସ୍ତକ ପର୍ଯ୍ୟନ୍ତ = ଆପାଦମସ୍ତକ

ଏଠାରେ 'ଆ' ହେଉଛି ଅବ୍ୟୟପଦ ।

(ଘ) ଯୋଗ୍ୟତା - ରୂପର ଯୋଗ୍ୟ = ଅନୁରୂପ, ଅନୁ-ଅବ୍ୟୟପଦ

(ଙ) ଅନତିକ୍ରମ-ଶକ୍ତିକୁ ଅତିକ୍ରମ ନ କରି = ଯଥାଶକ୍ତି

ସେହିପରି ହେବ - ଯଥାବିଧି, ଯଥୋଚିତ, ଯଥାର୍ଥ ଇତ୍ୟାଦି

ଏଠାରେ 'ଯଥା' ଅବ୍ୟୟପଦ ।

(ଛ) ପଶ୍ଚାତ୍ - ପଶ୍ଚାତ୍‌ଗମନ = ଅନୁଗମନ । ସେହିପରି ହେବ - ଅନୁକରଣ, ଅନୁତାପ, ଅନୁସନ୍ଧାନ ଇତ୍ୟାଦି ।
ଏଠାରେ 'ଅନୁ' ଅବ୍ୟୟ ପଦ ।

(ଜ) ଆତିଶଯ୍ୟ – ଅତିଶୟ ଘଞ୍ଚ – ନିଘଞ୍ଚ । ଏଠାରେ 'ନି' ଅବ୍ୟୟପଦ ।

(ଝ) ସାଦୃଶ୍ୟ – ମୂର୍ତ୍ତିର ସଦୃଶ = ପ୍ରତିମୂର୍ତ୍ତି ।

ବନର ସଦୃଶ = ଉପବନ, ଭାଷାର ସଦୃଶ = ଉପଭାଷା

ଏଠାରେ ଅବ୍ୟୟ ପଦ – ପ୍ରତି ଓ ଉପ ।

(ଞ) ବୈପରୀତ୍ୟ – କୂଳର ବିପରୀତ = ପ୍ରତିକୂଳ

ପକ୍ଷର ବିପରୀତ = ପ୍ରତିପକ୍ଷ, ବିପକ୍ଷ

ସେହିପରି ହୁଏ – ପ୍ରତିବାଦୀ

ଏଠାରେ 'ପ୍ରତି' ଓ 'ବି' ଅବ୍ୟୟପଦ ।

**ନିତ୍ୟ ସମାସ :** କେତେକ ସ୍ଥଳରେ ସମାସବାକ୍ୟ ନଥାଇ ମଧ୍ୟ ସମାସ ହୁଏ । ଏହାକୁ 'ନିତ୍ୟ ସମାସ' କୁହାଯାଏ ।

କୃଷ୍ଣସର୍ପ – (ଏହା ନିର୍ଦ୍ଦିଷ୍ଟ ଜାତିର ନାଗକୁ ବୁଝାଏ – ଅନ୍ୟ କଳାସାପକୁ ବୁଝାଏ ନାହିଁ ।

ସେହିପରି – ନୀଳକନ୍ଦର (ଶ୍ରୀକ୍ଷେତ୍ର ପୁରୀ), ପୋକଶୁଙ୍ଘା, ଛାରପୋକ, ବିଲୁଆଖାଇ ଇତ୍ୟାଦି ହୁଏ ।

## ଅନୁଶୀଳନୀ

୧. ସମାସ କାହାକୁ କହନ୍ତି ?

୨. ବିଗ୍ରହ ବାକ୍ୟ କାହାକୁ କହନ୍ତି ?

୩. ସମସ୍ୟମାନ ପଦ କାହାକୁ କହନ୍ତି ?

୪. ପୂର୍ବପଦପ୍ରଧାନ ସମାସଗୁଡ଼ିକର ନାମ ଲେଖ ।

୫. ଉପପଦ କାହାକୁ କହନ୍ତି ?

୬. ଉପମେୟ କାହାକୁ କହନ୍ତି ?

୭. ନିମ୍ନଲିଖିତ ସମସ୍ତପଦଗୁଡ଼ିକର ବ୍ୟାସବାକ୍ୟ ସହ ସମାସର ନାମ ଲେଖ ।

ଘରମୁହାଁ, ତନ୍ତବୁଣା, ମନରୁଚା, ଜନ୍ମାନ୍ଧ, ପ୍ରଜାତନ୍ତ୍ର

ହଂସଡିମ୍ବ, ଅନାବିଳ, ଅନ୍ତେବାସୀ, ପାଦପଦ୍ମ, ରେଳଗାଡ଼ି

ଦେଶାନ୍ତର, ଦମ୍ପତି, ଦଶାନନ, ଆଜୀବନ ।

୮.  ନିମ୍ନଲିଖିତ ପ୍ରତ୍ୟେକ ସମସ୍ତପଦ ପାଇଁ ବନ୍ଧନୀ ମଧ୍ୟରେ କେତୋଟି ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରଟି ବାଛ ।

(କ) ଚିର ଦୁଃଖ = (ତୃତୀୟା ତତ୍ ପୁରୁଷ, ଦ୍ୱିତୀୟା ତତ୍ପୁରୁଷ, ଦ୍ୱିଗୁ)

(ଖ) କନ୍ୟାରତ୍ନ = (ଉପମାନ କର୍ମଧାରୟ, ଉପମିତ କର୍ମଧାରୟ, ରୂପକ କର୍ମଧାରୟ ।)

(ଗ) ନିର୍ଭୟ = (ନିଷେଧାର୍ଥକ ବହୁବ୍ରୀହି, ନଞ୍ତତ୍ପୁରୁଷ, ନିତ୍ୟ ସମାସ)

(ଘ) ନିଘଞ୍ଚ = (ନଞ୍ତତ୍ପୁରୁଷ, ନିଷେଧାର୍ଥକ ବହୁବ୍ରୀହି, ଅବ୍ୟୟୀଭାବ ।)

(ଙ) ଚନ୍ଦ୍ରମୁଖ = (ଉପମାନ କର୍ମଧାରୟ, ମଧ୍ୟପଦଲୋପୀ କର୍ମଧାରୟ, ଦ୍ୱନ୍ଦ୍ୱ)

୯.  ବନ୍ଧନୀ ମଧ୍ୟରୁ ଠିକ୍ ବିଗ୍ରହବାକ୍ୟଟି ବାଛ ।

(କ) ଘନଶ୍ୟାମ = (ଘନ ଓ ଶ୍ୟାମ, ଘନ ପରି ଶ୍ୟାମ, ଯେ ଘନ ସେ ଶ୍ୟାମ)

(ଖ) ଭଗାରିହସା = (ହସୁଥିବା ଭଗାରି, ଭଗାରି ଯେତେବେଳେ ହସେ, ଭଗାରି ଦ୍ୱାରା ହସା ।)

(ଗ) ରାଜହଂସ = (ହଂସମାନଙ୍କର ରାଜା, ରାଜାଙ୍କର ହଂସ, ରାଜା ଓ ହଂସ)

(ଘ) ସୂର୍ପଣଖା = (ରାବଣର ଭଉଣୀ, ସୂର୍ପ ପରି ନଖ ଯାହାର, ସୂର୍ପ ଅଟେ ନଖା )

(ଙ) ପ୍ରତିକୂଳ = (ସବୁକୂଳ, ଏକୂଳରୁ ସେ କୂଳ ପର୍ଯ୍ୟନ୍ତ, କୂଳର ବିପରୀତ)

୧୦. ଏଗୁଡ଼ିକର ସମସ୍ତପଦ କ'ଣ ହେବ ?

(କ) ବିଗତ ହୋଇଛି ପତ୍ନୀ ଯାହାର

(ଖ) ଚଉପଦର ସମାହାର

(ଗ) କାକ ପରି କୃଷ୍ଣ

(ଘ) ନରମାନଙ୍କ ମଧ୍ୟରେ ଅଧମ

(ଙ) ପଶ୍ଚାତ ଗମନ ।

୧୧. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଧାଡ଼ିରୁ ଭିନ୍ନ ଧର୍ମୀ ଶବ୍ଦଟି ବାଛ ।

(କ) ସନ୍ଧି, ସମାସ, ସମସ୍ତପଦ, ସହାର୍ଥକ ବହୁବ୍ରୀହି

(ଖ) ନଦୀଜଳ, ମାତୃଭାଷା, ପ୍ରଜାତନ୍ତ୍ର, ସମାଜ

(ଗ) ସତ୍ୟବାଦୀ, ମଧୁପ, ଯୁଧିଷ୍ଠିର, କୁଳବୁଡ଼ା

(ଘ) ପୂର୍ଣ୍ଣଚନ୍ଦ୍ର, ମୁଖଚନ୍ଦ୍ର, ଚନ୍ଦ୍ରମୁଖ, ଚାନ୍ଦମୁହଁ

(ଙ) ସପିଣ୍ଡ, ସୋଦର, ସଗୋତ୍ର, ସବାନ୍ଧବ

୧୨. ଯେଉଁ ସୂତ୍ରରେ "ହଂସମାନଙ୍କର ରାଜା" – 'ରାଜହଂସ'ରେ ପରିଣତ ହୋଇଛି ସେହିସୂତ୍ରରେ ସମସ୍ତ ପଦରେ ରାଜ ପୂର୍ବପଦ ହୋଇଥିବା ଆଉ ତିନୋଟି ଶବ୍ଦ ଗଠନ କର ।

୧୩. ତଳେ ଦିଆଯାଇଥିବା ବାକ୍ୟଗୁଡ଼ିକର ରେଖାଙ୍କିତ ଅଂଶ ସ୍ଥାନରେ ସମାସଜନିତ ପଦ ବ୍ୟବହାରକରି ବାକ୍ୟକୁ ଠିକ୍ ଭାବରେ ଲେଖ ।

(କ) ଲୋକଟି <u>ଅନ୍ୟଦେଶ</u> କୁ ଚାଲିଗଲା ।

(ଖ) <u>ଲୁଣି ଅଟେ ଯେଉଁ ମାଛ</u> ତାହା ପାଟିକୁ ସୁଆଦିଆ ଲାଗେ ।

(ଗ) <u>ସ୍ତ୍ରୀ ସହିତ ଅଛନ୍ତି</u> ଯେଉଁ ହରିବାବୁ; ସେ କାଲି ପୁରୀ ଯିବେ ।

(ଘ) <u>ନାହିଁ ରୋଗ ଯାହାର ସେ</u> ମଣିଷର ଆନନ୍ଦ କହିଲେ ନ ସରେ ।

(ଙ) ଗୋପାଳ ନିଜର <u>ଶକ୍ତିକୁ ଅତିକ୍ରମ ନକରି</u> ଭିକାରିକୁ ଦାନ କଲା ।

୧୪. 'କ' ସ୍ତମ୍ଭର ସମାସ ସହିତ 'ଖ' ସ୍ତମ୍ଭର ଯେଉଁ 'ସମସ୍ତପଦ'ର ସମ୍ପର୍କ ଅଛି – ତାକୁ ଯୋଡ଼ି ଲେଖ ।

| **(କ)** | **(ଖ)** |
|---|---|
| ତତ୍ ପୁରୁଷ | ଅନ୍ତେବାସୀ |
| କର୍ମଧାରୟ | ନୀଳକଣ୍ଠ |
| ଅଲୁକ୍ ସମାସ | ବିବାଦୀ |
| ଅବ୍ୟୟୀଭାବ | ଗୋଠଖଣ୍ଡିଆ |
| ବହୁବ୍ରୀହି | ଅଧରବିମ୍ବ |
| | ପୋକଶୁଙ୍ଘା |

❖❖❖